# NATIONAL NEWS BULLETIN (ODIA)
## 9 October - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବୈଷୟିକ ଜ୍ଞାନକୌଶଳର ଗଣତାନ୍ତ୍ରିକୀକରଣ ଲାଗି ଭାରତ ବିଶ୍ୱର ଆଧୁନିକ ଜ୍ଞାନକୌଶଳ ପ୍ରାପ୍ତ ସମାବେଶୀ ସମାଜ ମଧ୍ୟରେ ସ୍ଥାନ ପାଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ଏକ ସନ୍ତ୍ରାସବାଦ ମୁକ୍ତ ଜାମ୍ମୁ କାଶ୍ମୀର ଗଠନ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତ-ଅଷ୍ଟ୍ରେଲିଆ ସମନ୍ୱିତ ରଣନୈତିକ ଭାଗିଦାରୀ ବହୁ ପୁରାତନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆଧାରିତ ପ୍ରତିରକ୍ଷା ମନ୍ତ୍ରୀଙ୍କ ମତବ୍ୟକ୍ତ ।
- ଆମେରିକା ରାଷ୍ଟ୍ରପତିଙ୍କ ଗାଜା ଶାନ୍ତି ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ହଙ୍ଗେରୀର ଲାସ୍‌ଜ୍ଲୋ’ କ୍ରାସ୍-ଜ୍ନା-ହୋର୍‌କାଇ ସାହିତ୍ୟ ଲାଗି ପାଇବେ ଚଳିତ ବର୍ଷର ନୋବେଲ ପୁରସ୍କାର ।

# ପିଏମ୍-ୟୁକେ

ବୈଷୟିକ ଜ୍ଞାନକୌଶଳର ଗଣତାନ୍ତ୍ରିକୀକରଣ ଲାଗି ଭାରତ ବର୍ତ୍ତମାନ ବିଶ୍ୱର ଆଧୁନିକ ଜ୍ଞାନକୌଶଳ ପ୍ରାପ୍ତ ସମାବେଶୀ ସମାଜ ମଧ୍ୟରେ ସ୍ଥାନ ପାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଆଜି ମୁମ୍ବାଇ ଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

**V/O-1--NEW---PM--DIGITAL-DEMOCRATISATION**

ଶ୍ରୀ ମୋଦୀ କହିଛନ୍ତି, ନବସୃଜନତା ଏବଂ ସମାବେଶୀ ପରିବେଶ ଲାଗି ଦେଶର ଡିଜିଟାଲ୍ ଇକୋ ବ୍ୟବସ୍ଥା ବର୍ତ୍ତମାନ ବିଶ୍ୱସ୍ତରୀୟ ମାନଦଣ୍ଡ ନିର୍ଦ୍ଧାରଣ କରୁଛି । ପ୍ରତ୍ୟେକ ମାସରେ ଭାରତରେ ୟୁ.ପି.ଆଇ. ମାଧ୍ୟମରେ ୨୫ ଲକ୍ଷ କୋଟି ଟଙ୍କାର ଆର୍ଥିକ କାରବାର ହେଉଛି । ଆଜିଠୁ ପାଞ୍ଚ ବର୍ଷ ତଳେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ଆରମ୍ଭ ହେବା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି–

**V/O-1-PM-ON-FINTECH-EVENT**

ଏହି ଫେଷ୍ଟରେ ଉଦ୍‌ବୋଧନ ଦେଇ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ କହିଛନ୍ତି, ଆର୍ଥିକ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଏବଂ ବ୍ରିଟେନ୍ ବହୁ ପୁରାତନ ଭାଗିଦାରୀ ଏବଂ ବିଶ୍ୱରେ ଏକ ଅଗ୍ରଣୀ

ଭୂମିକା ଗ୍ରହଣ କରି ଆସିଛନ୍ତି । ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ଦ୍ୱାରା ଉଭୟ ଦେଶର ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ବୋଲି ଶ୍ରୀ ଷ୍ଟାର୍‌ମର୍ କହିଛନ୍ତି ।

ପୂର୍ବରୁ ଶ୍ରୀ ମୋଦୀ ତାଙ୍କର ବ୍ରିଟେନ୍ ପ୍ରତିପକ୍ଷଙ୍କ ସହିତ ଦୁଇ ଦେଶର ବିଭିନ୍ନ ଅଗ୍ରଣୀ କମ୍ପାନୀ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ । ଶ୍ରୀ ମୋଦୀ କହିଛନ୍ତି, ଏକ ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଭାରତ-ବ୍ରିଟେନ୍ ସମ୍ପର୍କ ଚଳିତ ବର୍ଷ ଅଧିକ ସଶକ୍ତ ହୋଇପାରିଛି । ବିଶେଷ କରି ଟେଲିକମ୍, କୃତ୍ରିମ ବୁଦ୍ଧିମତା, ଜୈବ ପ୍ରଯୁକ୍ତିବିଦ୍ୟା, କ୍ୱାଣ୍ଟମ୍, ସେମିକଣ୍ଡକ୍ଟର, ସାଇବର ଏବଂ ମହାକାଶ ଭଳି କ୍ଷେତ୍ର ଗୁଡ଼ିକରେ ଦୁଇ ଦେଶ ମଧ୍ୟରେ ସହଯୋଗର ନୂତନ ସୁଯୋଗ ସୃଷ୍ଟି ହୋଇଛି । ଦୁଇ ଦେଶ ମଧ୍ୟରେ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ନୂତନ ସୁଯୋଗ ତଥା ସହଯୋଗ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି,

**V/O-2-PM-TECHNOLOGY**

ଆଜି ଅପରାହ୍ଣରେ ମୁମ୍ବାଇ ଠାରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ବୈଶ୍ୱିକ ସ୍ଥିରତା ଏବଂ ଆର୍ଥିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତିବଦ୍ଧ । ଭାରତ-

ବ୍ରିଟେନ୍ ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋକପାତ କରି ସେ କହିଛନ୍ତି, ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ବୃଦ୍ଧି ପାଇବା ସହିତ ଯୁବବର୍ଗଙ୍କ ଲାଗି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ।

ଅନ୍ୟ ପକ୍ଷରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତ ଓ ବ୍ରିଟେନ୍ ଏକ ଆଧୁନିକ ଭାଗିଦାରୀ ନିର୍ମାଣ କରୁଛନ୍ତି ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଶ୍ରୀ ଷ୍ଟାର୍‌ମର୍ କହିଛନ୍ତି ।

# ହୋମ୍ ମିନିଷ୍ଟର କାଶ୍ମୀର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜାମ୍ମୁ କାଶ୍ମୀର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି ।  ଏକ ସନ୍ତ୍ରାସବାଦ ମୁକ୍ତ ଜାମ୍ମୁ କାଶ୍ମୀର ଗଠନ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ବୈଠକରେ ଦୋହରାଇଛନ୍ତି । ସେ କହିଛନ୍ତି, ସୁରକ୍ଷା ସଂସ୍ଥାଗୁଡ଼ିକର ନିରନ୍ତର ପ୍ରୟାସ ଯୋଗୁଁ ଜାମ୍ମୁ କାଶ୍ମୀରରେ ସନ୍ତ୍ରାସବାଦ ସଂଗଠନ ଗୁଡ଼ିକର ନେଟ୍‌ଓ୍ୱର୍କକୁ କ୍ରମଶଃ ନଷ୍ଟ କରିଦିଆଯାଇଛି । ଏହି ପ୍ରଚେଷ୍ଟା ସଫଳତାର ସହ କାର୍ଯ୍ୟକାରୀ କରିବା ଦିଗରେ ଆବଶ୍ୟକ ସମ୍ବଳ ଯୋଗାଇ ଦିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳର ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଉଦ୍ୟମକୁ ସମ୍ପୂର୍ଣ୍ଣ

ରୂପେ ପ୍ରତିହତ କରିବା ଲାଗି ଦେଶର ସୁରକ୍ଷା କର୍ମୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି ।

ପହଲଗାମ ସନ୍ତ୍ରାସବାଦ ଆକ୍ରମଣ ପରିପ୍ରେକ୍ଷୀରେ ଜାମ୍ମୁ କାଶ୍ମୀର ପ୍ରଶାସନ ଏବଂ ସୁରକ୍ଷା କର୍ମୀଙ୍କର କାର୍ଯ୍ୟାନୁଷ୍ଠାନକୁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି । ଆଗାମୀ ଶୀତ ଋତୁରେ ଜାମ୍ମୁ କାଶ୍ମୀରରେ ତୁଷାରପାତ ସମୟରେ ସୀମାପାର ଅନୁପ୍ରବେଶକୁ ରୋକିବା ଦିଗରେ ସୁରକ୍ଷା କର୍ମୀମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ସ୍ୱରାଷ୍ଟ୍ର ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ ।

## ରାଜନାଥ-ଅଷ୍ଟ୍ରେଲିଆ

ସନ୍ତ୍ରାସବାଦ କାର୍ଯ୍ୟକଳାପ ଏବଂ ଆଲୋଚନା ଏକତ୍ର ହୋଇପାରିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଅଷ୍ଟ୍ରେଲିଆ ଗସ୍ତ ଅବସରରେ କାନ୍‌ବେରା ଠାରେ ତାଙ୍କ ପ୍ରତିପକ୍ଷ ରିଚାର୍ଡ଼ ମାର୍ଲସ୍‌ଙ୍କ ସହିତ ଅନୁଷ୍ଠିତ ଦ୍ୱିପକ୍ଷିୟ ବୈଠକରେ ଯୋଗଦେଇ ଶ୍ରୀ ସିଂହ ସନ୍ତ୍ରାସବାଦକୁ ଦୃଢ଼ ହସ୍ତରେ ଦମନ କରିବା ଦିଗରେ ଭାରତର ପକ୍ଷ ରଖି କହିଛନ୍ତି, ସନ୍ତ୍ରାସବାଦ ଓ ବାଣିଜ୍ୟ କାରବାର ଏକ ସହିତ କରାଯାଇ ପାରିବ ନାହିଁ । ସେହିଭଳି ଜଳ ଓ ରକ୍ତ ମଧ୍ୟ ଏକାଠି ପ୍ରବାହିତ ହୋଇପାରିବ ନାହିଁ ବୋଲି

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି । ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଥିବା ସମନ୍ୱିତ ରଣନୈତିକ ଭାଗିଦାରୀ ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବହୁ ପୁରାତନ ସାଂସ୍କୃତିକ ସମ୍ପର୍କ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଭିତ୍ତିକ ସହଯୋଗ ରହି ଆସିଛି । ବିଶେଷ କରି ପ୍ରତିରକ୍ଷା କ୍ଷେତ୍ରରେ ଏହି ସହଯୋଗକୁ କିଭଳି ଉଲ୍ଲେଖନୀୟ ଭାବେ ସମ୍ପ୍ରସାରିତ କରାଯାଇପାରିବ ସେ ସମ୍ପର୍କରେ ଉଭୟ ନେତା ଏହି ଅବସରରେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଛନ୍ତି ।

## ପିଏମ୍-ଟ୍ରମ୍ପ୍

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ଗାଜା ଶାନ୍ତି ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହାଦ୍ୱାରା ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲାଗି ପଥ ଉନ୍ମୋଚନ ହୋଇପାରିବ । ବନ୍ଧକମାନଙ୍କୁ ମୁକ୍ତି କରାଯିବା ସହିତ ଗାଜାବାସୀଙ୍କୁ ମାନବିକ ସହାୟତା ଅଧିକ ପରିମାଣରେ ଯୋଗାଇ ଦିଆଗଲେ ସ୍ଥିତିରେ ଅଧିକ ସୁଧାର ଆସିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍‌ନ୍ୟାହୁଙ୍କର ଏ ଦିଗରେ ଏକ ଦୃଢ଼ ନେତୃତ୍ୱର ଏହା ପ୍ରତିଫଳନ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଅନ୍ୟ ପକ୍ଷରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି–

**V/O-4-VIKRAM-MISRI-GAZA**

## ବୈଷ୍ଣବ–ଗୁଜରାଟ

୨୦୨୭ ମସିହା ଅଗଷ୍ଟ ସୁଦ୍ଧା ଭାରତର ପ୍ରଥମ ବୁଟେଲ୍ ଟ୍ରେନ୍ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଗୁଜରାଟର ମେହେସାନା ଠାରେ ପ୍ରଥମଥର ଲାଗି ଆୟୋଜିତ ଭାଇବ୍ରାଣ୍ଡ ଗୁଜରାଟ ଆଞ୍ଚଳିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ସମଗ୍ର ଦେଶରେ ରେଳବାଇ କ୍ଷେତ୍ରରେ ଅନେକ ବିକାଶ ସାଧିତ ହୋଇପାରିଛି । କେବଳ ଗୁଜରାଟରେ ୨ହଜାର ୭୬୪ କିଲୋମିଟର ଦୀର୍ଘ ନୂତନ ରେଳ ଲାଇନ୍ ନିର୍ମାଣ କରାଯାଇ ସାରିଛି । ବିଭିନ୍ନ କ୍ଷେତ୍ରରେ ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଏକ ବିକଶିତ ଭାରତ ଗଠନ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ୨୦୧୪ ମସିହା ପରଠାରୁ ଗୁଜରାଟ ସମେତ ସମଗ୍ର ଦେଶରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ବିଶେଷ କରି ସେମିକଣ୍ଡକ୍ଟରର ସାମଗ୍ରୀକ ଅଭିବୃଦ୍ଧି ହାସଲ ହୋଇପାରିଛି । ସେମିକଣ୍ଡକ୍ଟର ଇକୋ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଗୁଜରାଟରେ ୩୦ଟି ଜାପାନୀ ରସାୟନ ଓ

ଗ୍ୟାସ୍ କମ୍ପାନୀ ନିଜ ନିଜର ୟୁନିଟ୍ ପ୍ରତିଷ୍ଠା କରିବେ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ନୋବେଲ ପ୍ରାଇଜ୍

ହଙ୍ଗେରୀର ବିଶିଷ୍ଟ ଉପନ୍ୟାସ ଲେଖକ ତଥା ସାହିତ୍ୟକ ଲାସ୍‌ଜ୍ଲୋ କ୍ରାସ୍-ଜ୍ନା-ହୋର୍‌କାଇଙ୍କୁ ସାହିତ୍ୟ ଲାଗି ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯିବ ।  ଷ୍ଟକ୍‌ହୋମ୍ ଠାରେ ନୋବେଲ୍ କମିଟି ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି । ସମାଜର ବିକାଶ ଲାଗି କ୍ରାସ୍-ଜ୍ନା-ହୋର୍‌କାଇଙ୍କର ଦୂରଦୃଷ୍ଟି ସମ୍ପନ୍ନ ଲେଖା ନିମନ୍ତେ ତାଙ୍କୁ ଏହି ସମ୍ମାନ ମିଳିଛି । ଏହି ପୁରସ୍କାର ବାବଦରେ ତାଙ୍କୁ ୧ ଦଶମିକ୍ ୨ ମିଲିୟନ୍ ଆମେରିକୀୟ ଡଲାର୍ ଅର୍ଥ ରାଶି ପ୍ରଦାନ କରାଯିବ । ଏହା ପୂର୍ବରୁ ଚଳିତ ସପ୍ତାହରେ ୨୦୨୫ ବର୍ଷ ଲାଗି ଔଷଧ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଲାଗି ନୋବେଲ ବିଜେତାମାନଙ୍କର ନାମ ଘୋଷଣା କରାଯାଇସାରିଛି ।

# ସ୍ପୋର୍ଟ୍ସ ରାଉଣ୍ଡଅପ୍

ଆଇସିସି ଦିନିକିଆ ମହିଳା ବିଶ୍ୱକପ୍‌ରେ ଆଜି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଜାରି ରହିଛି । ବିଶାଖାପାଟନାସ୍ଥିତ ୱାଇଏସ୍ ରାଜଶେଖର ରେଡ୍ଡୀ ଏସିଏ - ଭିଡିସିଏ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଛି । ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ୪୭ ଓଭରରେ ୭ ୱିକେଟ୍ ହରାଇ ୨୨୨ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ରିଚା ଘୋଷ ସର୍ବାଧିକ ୭୬ ରନ୍ କରି ଅପରାଜିତ ଅଛନ୍ତି ।